ମାପ-ଓଜନର ଗୁମର କଥା

ଶ୍ରୀ ଗଙ୍ଗାଧର କର



କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍, କଟକ

Digitized by srujanika@gmail.com

ମାପ ଓଜନର ଗୁମରକଥା

ଲେ : (ବାଣୀ କଙ୍କର)
ଗଙ୍ଗାଧର କର
ଓଜନ ମାପ ଉପନିର୍ଦ୍ଦେଶକ
ଭୁବନେଶ୍ବର, ଓଡ଼ିଶା

ବାଲୁବଜାର, କଟକ-୨

Digitized by srujanika@gmail.com

ମାପ ଓଜନର ଗୁମରକଥା

ଲେ :(ବାଣୀ କଙ୍କର)
ଗଙ୍ଗାଧର କର
ଓଜନ ମାପ ଉପନିୟନ୍ତ୍ରକ
ଭୁବନେଶ୍ୱର, ଓଡ଼ିଶା

ପ୍ରକାଶିକା :
ଶ୍ରୀମତୀ ଅନ୍ନପୂର୍ଣ୍ଣା ମିଶ୍ର
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
ବାଲୁବଜାର, କଟକ—୭୫୩୦୦୨

ପ୍ରଥମ ସଂସ୍କରଣ – ୧୯୮୮

ମୁଦ୍ରଣ :
ବନଦୁର୍ଗା ପ୍ରିଣ୍ଟର୍ସ
ଅଲିଶା ବଜାର
କଟକ—୨

ମୂଲ୍ୟ—ଦୁଇଟଙ୍କା ମାତ୍ର

Digitized by srujanika@gmail.com

ଓଜନ-ମାପ-ଉପଜିଯନ୍ତ୍ରକ

ଅଜା ! ଅଜା ମା । କ'ଣ ଶୁଣାଯାଉ ନାହିଁ କି ? ଏ ବୟସରେ ପାଠ ପଢ଼ାରେ ଏତେ ମନ ଦେଇଛ ଯେ ନାତି ଡାକ ବି ଶୁଣି ପାରୁନାହଁ ? ଗୋପାଲ ପଚାରିଲା ।



“କିଏ ? କିରେ ଗୋପାଲ, ତୁ କେବେ ସହରରୁ ଆସିଲୁ କି ରେ ନାତି ? ଆ, ଆ, ଆମ କେନ୍ଦ୍ରରେ ଟିକିଏ ବସିପଡ଼ । ନାତି ! ମୁଁ ଶୁଣିଲି ତୁ କୁଆଡ଼େ ସହରରେ ଚହ୍ନ ଖୁବ୍ ବଡ଼ତ କଲୁଣି ! ଅଜା କହିଲେ ।

Digitized by srujanika@gmail.com

"ନାଇଁମ ଅଜା, ଲୋକଙ୍କ କଥା କାହିଁକି ଶୁଣୁଛ ?"

"ଦେଖ ବାବା, ସହର କଥା ।

ହାତେ ମାପି ଚାଖଣ୍ଡେ ଚାଲିବାକୁ ହେବ । ତରତର ହୋଇ ଧାଇଁବୁ ନାହିଁ । ବିପଦ ଅଛି" ।

"ଅଜା, ତୁମର ସେଇ ମରହଛିଆ ଅମଲ କଥା ଗଲା ନାହିଁ ?"

"କରେ ନାତି, ମୁଁ କ'ଣ କିଛି ଭୁଲ୍ କହିଲି କରେ ?



"ଭୁଲ୍ କହିଲି ନାହିଁ ? ସରକାର ତୁମ ପାଇଁ ଏକମୁସରେ ଇସ୍କୁଲ ଖୋଲି ଦେଲେ । ବହିଯୋଗାଇ ଦେଲେ । ପାଠ ପଢ଼ାଇଲେ । ହେଲେ, ତୁମର କଥା

Digitized by srujanika@gmail.com

କଥାକେ ସେଇ ପୁରୁଣା ଢଙ୍ଗ, ପୁରୁଣା ରଙ୍ଗ ଆଉ ପୁରୁଣା କାଳିଆ ଢଗ ।

"ଅଜା ! ହାତ-ଗୃଖଣ୍ଡ ବେଳ ଗଲଣି । ଏଣିକି ନୂଆ ଓଜନ ଆଉ ନୂଆ ମାପ ।"

"ଗୋପାଳ, ତୁ ଠିକ୍ କଥା ମନେ ପକେଇଲୁ । କ'ଣ ସେ ନୂଆ ଓଜନ ମାପ କଥା ଟିକିଏ ବୁଝେଇ କହ । ଆ, ଏଠି ବସ ।"

"ଅଜା ଶୁଣ, ମୁଁ ଗୋଟିଏ ଛୋଟିଆ ଗୀତଟିଏ ଗାଉଛି, ସେଥିରୁ ତୁମେ ବୁଝି ପାରିବ :—

'ହାତ' "ଗୃଖଣ୍ଡ'ର ବେଳ ଆଉ ନାହିଁ ;

ବଦଳରେ ହେଲା ମିଟର;

'ପଳା' ପଳେଇଲା, ଛଟାଙ୍କି ଲୁଚିଲା

ଆସିଗଲେ ବାବୁ ଲିଟର ।

'ସେର' 'ପାଉଣ୍ଡ' ତ ପାହୁଣ୍ଡ ପକାଇ

ଗୃଲିଗଲେ ଯେଝା ବାଟରେ ;

'କିଲୋ' କୁଇଣ୍ଟାଲ', ଚଳାବୁଲା କଲେ

ନଇତ ବଜାର ହାଟରେ ।

Digitized by srujanika@gmail.com

'ଅଢ଼ା' 'ବୋଡ଼ା' 'ସୁଲ୍' 'ଛାମ୍ଭି' ପାହ୍ଵ' 'ଢୋଲା'

ନାଁରେ ଦେଲେଣି ଝାସ;

'ନଉଡ' 'ଭରଣ' ଗଉଣୀ ହିସାବେ

ନ ବଳାଅ ଆଉ ଅଣ ।

'ଲଠା', ଗ୍ଲଲଗଲ୍', ନଇ ପଠାକୁରେ

'ଜରିବ' ଟା କସ କରିବ;

'ଆରେ' 'ହେକ୍ଟର' ହିସାବ ନକଲେ

ସରକାର ଆସି ଧରିବ ।

ଅଜା, ଏ ଗୀତର ମରମ ବୁଝିଲତ ?" ଗୋପାଳ ପଚାରିଲା ।

"ଆରେ, ଏତ ବଡ଼ ଅଡ଼ୁଆ କଥା । ନାତି ଆ ମୋର ଏତେ ଗୁଡ଼େ କଥା ଏଇ କେଇଟା ଦିନରେ ସହରରେ ରହି ଶିଖିଗଲୁ । ଅଜା କହିଲେ ।

"ହଁ ଅଜା, ଆଉ ସେ ଯୁଗ ନାହିଁ ମ । ଏବେସବୁ— କଥା ସହଜିଆ ହୋଇଗଲାଣି । ଦଶମିକ ହିସାବ ଆସି ଗଲାଣି, ସବୁକଥା ମୁହେଁ ମୁହେଁ । ମନେ ଅଛିନା ଅଜା,

Digitized by srujanika@gmail.com

ସରକାର ଯେତେବେଳେ ନୂଆ ପଇସା ଚଳେଇଲେ, ତୁମେ କେତେକଥା କହୁଥିଲ ? ଲୋକମାନଙ୍କୁ ସରକାର ଅସୁବିଧାରେ ପକେଇ ଦେଲେ ବୋଲି ଗାଁ ସାରା ବୁଲି



ହୁରି କରୁଥିଲଟି । କିନ୍ତୁ ସତ କହିଲ, ନୂଆ ପଇସା ହିସାବ କେଡ଼େ ସହଜ ଏବେ ବୁଝିଲ ତ ?"

"ହଁରେ ନାତି, କଥାଟା ତୋର ଷୋଳ ଅଣା ସତ ।'

"ଫେର ତ ସେଇ ପୁରୁଣା କଥା । କାହିଁକି କଥାଟା ମୋର ଶହେ ପଇସା ସତ ବୋଲି କହିଲନି ? ଫେରେ ସେଇ ଭୁଲ ।" ଏତେ ବର୍ଷର ପୁରୁଣା ଅଭ୍ୟାସ କ'ଣ ସହଜରେ ଛାଡ଼ି ପାରୁଛ ?" ଗୋପାଳ କହିଲା ।

"ହଉ କହିଲୁ, ଏ ନୂଆ ଓଜନ-ମାପ ଦ୍ୱାରା ଆମର କ'ଣ ଉପକାର ହେବ ? ଆମେତ ହେଲୁ ଗାଁଉଲୀ ଲୋକ ।

Digitized by srujanika@gmail.com

ଆମର ଏ ତେଲ ଲୁଣ ସଂସାରରେ ଏହାଦ୍ୱାରା କି-କି ଉପକାର ହେବ ?" ଅଜା ପଚାରିଲେ ।



"ଅଜା, ଗାଁ ହେଲା ଦେଶର ମେରୁଦଣ୍ଡ ଭଳିଆ । ଗାଁର ଲୋକେ ଆମ ଦେଶକୁ ଗଢ଼ିବାରେ ଯେତେ ଉପକାରରେ ଆସିବେ, ଆଉ କିଏ ଆସିବ କହିଲ ?

ଆମ ଭାରତରେ ଗାଁ ହେଲା ବେଶି । ହିସାବରେ ସାତ ଲକ୍ଷ ଗାଁରୁ ଅଧିକ ହେବ। ତାକୁ ଚାହିଁଲେ ଦେଶରେ ଆମର ସହର ସଂଖ୍ୟା କେତେ କମ୍ । ଯଦି ଗାଁ ଗୁଡ଼ିକର ବଢ଼ତି ନହୁଏ, ତେବେ ସାରା ଦେଶର ଉନ୍ନତି ହେବ ନାହିଁ ।" ଗୋପାଲ କହିଲା ।

Digitized by srujanika@gmail.com

"ହଁରେ ନାତି, କଥାଟା ସତ । କଥାରେ କହନ୍ତି ହେଁସରେ ପଡ଼ିଲେ, ଦେଶରେ ପଡ଼େ । ଗାଁର ଜମିବାଡ଼ି ଓ ଚାଷର ଉଠିଆ ନହେଲେ, ସହରକୁ ଫସଲ ଆସିବ କେଉଁଠୁ ? ଆଉ ସହରର ଲୋକେ ଖାଇବେ କ'ଣ ? ଧାନ,

ବିରି, ମୁଗ, ପନିପରିବା ସବୁତ ଗାଁରୁ ଅମଳ ହୋଇ ଶଗଡ଼, ଶଗଡ଼ ବୋଝେଇ ହୋଇ ଯାଉଛି ହାଟକୁ । ହାଟରୁ ବେପାରି ମାନେ ଅମଚାଷୀ ଭାଇଙ୍କଠାରୁ ସେ ଗୁଡ଼ିକୁ କିଣି ସହରକୁ ପଠାଉଛନ୍ତି । ତେବେ ଯାଇଁ ସହରର ଲୋକେ ତାହା କିଣି ଖାଇ ପାରୁଛନ୍ତି ।"

ଗୋପାଳ କହିଲା "ଅଜା, ସହରରୁ ଯେମିତି ଲୁଗା, ଚିନି, କିରାସିନି, ସୁଜି, ଅଟା, ମଇଦା ଓ ସାବୁନ

Digitized by srujanika@gmail.com

ଇତ୍ୟାଦି ଅନେକ ଜିନିଷ ଆସି ଗାଁରେ ବିକ୍ରି ହେଉଛି । ଏବେ ତ ସରକାର ପ୍ରତି ଗାଁରେ ସୁଲଭ ମୂଲ୍ୟ



ଦୋକାନ ମାନ ଖୋଲିଲେଣି ଗାଁ ଲୋକଙ୍କ ସୁବିଧା ପାଇଁ ।”

“ଗୋପାଳ, ସେ ସୁଲଭ ମୂଲ୍ୟର ଦୋକାନ କଥା ପଛେ କହିବୁ । ଆମ କେନ୍ଦ୍ରର ସଭ୍ୟମାନେ ସବୁ ଆସି-ଗଲେଣି । ତୁ ଆଜି ଆମକୁ ସେ ନୂଆ ମାପ-ଓଜନ କଥାଟି କ’ଣ କହିଲୁ । ତୋ ଗୀତଟି ତ ମୋ ମନକୁ ବେଶ୍ ପାଇଲା, ଏବେ ସେ ବିଷୟରେ ଟିକିଏ ଭଲକରି ବୁଝେଇ ଦେ ।”

Digitized by srujanika@gmail.com

"ଆରେ ଗୋବିନ୍ଦ, କୁଆଡ଼େ ଗଲକି ସମସ୍ତେ ? ଏଇ କୋଠରୀକୁ ଆସ । ଦେଖ ଏହେଉଛି ମୋ ନାତି ଗୋପାଳ, ସହରରେ ରହୁଛି । ଆଜି ମୋତେ ଦେଖିବାକୁ ଆସି ଆମ କେନ୍ଦ୍ରରେ ହାଜର । କଥା ପଡ଼ୁ ପଡ଼ୁ ଖାସା କଥାଟାଏ ଆରମ୍ଭ କରିଛି ।" ଅଜା ପାକୁଆ ପାଟିରେ ମୁରୁକି ହସି କହିଲେ ।

ଗୋପାଳ କହିଲା, "ଶୁଣ ଅଜା, ଶୁଣନ୍ତୁ କେନ୍ଦ୍ରର ସଭିଏଁ । ଉଣେଇ ଶହ ସନ୍ତାବନ ମସିହାରେ ନୂଆ ପଇସା ଆମ ଦେଶରେ ସରକାର ଚଳୁକଲେ । ତା'ପର ବର୍ଷଠାରୁ ମେଟ୍ରିକ ପଦ୍ଧତିର ଓଜନ-ମାପ ଚାଲୁ ହେଲା । ନୂଆପଇସା ହିସାବ କେତେ ସହଜ ଆମକୁ ଲାଗିଲା । ଟଙ୍କା, ଅଣା, ପଇସା ଅଧଲା, ପାହୁଲା, ଛଦାମ ଓ କୋଡ଼ି, ଏସବୁ ବଦଳରେ ଆମେ ପାଇଲେ ଏକ ଯୋଡ଼ି ।

ତାହାହେଲେ ଟଙ୍କା ଆଉ ପଇସା । ଧର, ଚାଉଳ ବାଲାକୁ ତୁମେ ପଚାରିଲ । ହେ ଭାଇ ! ଚାଉଳ କିଲୋକୁ କେତେ ? ସେ କହିଲା ତିନିଟଙ୍କା ତିରିଶ ପଇସା । ଆଉ ଅଣା ନାହିଁ କି ଅଧଲା ନାହିଁ । ତୁମେ ପଚାରିଲ ଦଶକିଲୋ ଚାଉଳର ଦାମ୍ କେତେ ? ଚଟ୍‌କିନା ହିସାବ କରି ସେ କହି

Digitized by srujanika@gmail.com

ଦେଲା । ଡେଡ଼ଶ ଟଙ୍କା । ହେଇଛି ଅଳପ ପାଠୁଆ ଲୋକଙ୍କ ପାଇଁ ଏପରୀ ସହଜିଆ କଥା । ସେଇମିତ ଆଗର ସେର

ଅଧସେର ଛଟାଙ୍କି, ତୋଡ଼ା, ସୁଲା ହିସାବ ସବୁ ଏବେ ଗଲା । ଏବକୁ ଆସିଲା 'କିଲୋଗ୍ରାମ୍' ଆଉ 'ଗ୍ରାମ୍' । କାଠୁଆ ବା



ନଦା ଜିନିଷ ଓଜନ କରିବା ପାଇଁ ହେଲା କିଲୋଗ୍ରାମ୍ ଏବଂ ତରଳ ବା ପାଣିଆ ଜିନିଷ ସବୁ ମାପ କରିବାପାଇଁ ହେଲା

Digitized by srujanika@gmail.com

ଲିଟର । ଠିକ୍ ସେମିତି କପଡ଼ା କମ୍ବା ସୂତା ଓ ଲମ୍ବା ଜିନିଷ ପାଇଁ ହେଲା ମିଟର ମାପ । ଏହି ତିନି ପ୍ରକାରର ଜିନିଷର

ମିଟର ବାଡ଼ିର ଛବି

ଓଜନ ଓ ମାପ ପାଇଁ ବାହାରିଛି ତିନି ପ୍ରକାରର ଓଜନ,ଆଉ ମାପ । ଏବେ ବୁଝିଲତ ?”

“ନାଁରେ ନାତି, କଥାଟା ଭଲକରି ବୁଝି ହେଲାନାହିଁ । ଆମେତ ମୂରୁଖ ଲୋକ, ଟିକିଏ ଭଲକରି ବୁଝେଇ କହତ ।” ଅଜାଙ୍କୁ ଟିକିଏ ବୁଝିବାରେ ଅଡୁଆ ଲାଗିବାରୁ ପଚାରିଲେ ।

ଗୋପାଳ କହିଲା—“ଆଚ୍ଛା ଶୁଣ । ତୁମେ ଧାନ ଚାଉଳ, ମୁଗ, ବିରି, କୋଳଥ ଆଗରୁ କପରି ମାପୁଥିଲ ? ଗଉଣୀରେ ମାପୁଥିଲ ତ ?

“ହଁ” ଅଜା ଉତ୍ତର ଦେଲେ ।

‘‘ଏବେ ସେ ଗଉଣୀ ମାପ ଅଛି କି ? ସେ ସବୁ ପରା ଅଚଳ ହେଲାଣି । ଧାନ, ବିରି, ମୁଗ, କୋଳଥ ପ୍ରଭୃତି ଯେତେ ଶସ୍ୟ-ଜାତୀୟ ଜିନିଷ ଅଛି, ଆଉ ମାପିକି ଦେବାକୁ ହେବନାହିଁକି ନେବାକୁ ମଧ୍ୟ ହେବନାହିଁ ।

Digitized by srujanika@gmail.com

ଏବେ ଦେଖନ୍ତୁ, ଅଟା, ମଇଦା, ସୁଜି ଓ ଲୁଣ ଆଦି ଜିନିଷ ଆଉ କଣ ମାପିକରି ଦିଆଯାଉଛି ? ସବୁ ଓଜନରେ କାରବାର ହେଲାଣି ।”

“ହେଲେ ଏଥିରେ ଆମର ଲାଭ କ'ଣ ?” ଅଜା ପଚାରିଲେ ।

“ଗୋପାଳ ଉତ୍ତର ଦେଲା, ଗୋରା ସରକାର ଅମଳରୁ ଚଳି ଆସୁଥିବା ବଟକରା ଓ ମାପ ଗୁଡ଼ିକରେ ବେଉସା କରିବା କିମ୍ବା ତହିଁରେ ହିସାବ କରିବାକୁ ଭାରି କଷ୍ଟ ହେଉଥିଲା । ତହିଁରେ ପୁଣି ସେଗୁଡ଼ିକ ଘୋର-ସର ଯାଉଥିବା ଓଜନ ଓ ମାପରେ ଯେଉଁ ଜିନିଷ ପାଉଥିଲେ ସେ ସବୁ ଊଣା ମିଳୁଥିଲା । ଦିନକୁ ଦିନ ଜିନିଷର ଦାମବି ବଢ଼ୁଛି, ଏଣେ ଓଜନ ଓ ମାପରେ ଊଣା ଜିନିଷ ମିଳୁଛି । “ବେଢ଼ି ଉପରେ କୋରଡ଼ା ମାଡ଼” । ବେପାରୀମାନେ ନାନାଦି ମାରପେଞ୍ଚ ଓ ପରପଞ୍ଚ କରି ଖୁବ୍ ମୁନଫା ଉଠାଉଥିଲେ, ଆଉ ଆମେ ହଳ ହଳାନ୍ତ ହେଉଥିଲୁ ।

ଆଉମା ଅମଳରୁ ଚଳି ଆସୁଥିବା ଗଉଣି ମାପଟି ଠିକ ମାପର ଅଛି କି ନାହିଁ କିଏ କେବେ ଯାଞ୍ଚ କରିଛି କି ? କହିଲ ଅଜା, ତୁମେ କେବେ ଆମ ଗାଁ ପଧାନ ଘର ଗଉଣି ଟି ଠିକ୍ ଅଛିକି ନାହିଁ, ସେ ବିଷୟରେ କେବେ ପଚାରିଛ କି ?

Digitized by srujanika@gmail.com

ତୁମର ବେଳେ ବେଳେ ଏ ବିଷୟରେ ସନ୍ଦେହ ଆସୁଥିବ । କିନ୍ତୁ ତୁମେ କେବେ ସାହାସ କରି ଏକଥା ପଚାରିଛ କି ?

"ନାଁରେ ନାତି, ମୋ ମନ କଥାଟା ତୁ କହିପକାଇଲୁ । ଅନେକ ଥର ଏକଥା ମୋ ମନକୁ ଆସୁଛି । ମୋ ପିଲାବେଳୁ ସେହି ପିତଳ ଗଉଣୀଟି ଦେଖି ଆସୁଛି । ଗାଁ ସାରା ଧାନ, ମୁଗ, ବିରି, କୋଳଥ ହରେକ ଜିନିଷ ଏଥିରେ ମାପି ଟଙ୍କା କଣା କରୁଛନ୍ତି । ହେଲେ ପିତଳ ଗଉଣୀ କ'ଣ ଚୋରି ହୋଇ ଯାଉନଥିବ ? ତେବେ କାହିଁ, କେହିତ ସାହାସକରି ଏହି ଗଉଣୀ ମାପ ବିଷୟରେ ଆପତ୍ତି କରିନାହାନ୍ତି ।" ଅଜାଙ୍କ ମନକୁ କଥାଟା ପାଇଯିବାରୁ ସେ ଗୋପାଳ କଥାରେ ରାଜିହୋଇ କହିଲେ ।"



"ଅଜା, ଖାଲି ସେତିକି ନୁହେଁ ମ । ଆମ ଗାଁ ଅମିନ ରଘୁ ମହାନ୍ତି ଯେଉଁ 'ଲଠା' ବାଡ଼ି ଓ 'ଜରିବ' ଚେନ୍-ମାପ

Digitized by srujanika@gmail.com

ରଖିଛନ୍ତି, ମୁଁ ଶୁଣିଛି ସେଥିରେ କୁଆଡ଼େ ପାଞ୍ଚକଡ଼ ମାପ କମ୍ ଅଛି । ଆମକୁ ତ ଏକା ନୁହେଁ, ଏ ଅମିନ ବାବୁ ଆଖ ପାଖ ପାଞ୍ଚ ଦଶ ଖଣ୍ଡ ମଉଜାର ଲୋକଙ୍କୁ ଭୁଆଁ ବୁଲାଉଛନ୍ତି । କେତେବେଳେ ଗ୍ରାମ ଦ୍ୱାଇର ଜମି ଅଜା ଆଡ଼କୁ ମାଡ଼ିଯାଉଛି ତ ଆଉଥରେ ମାପିବା ବେଳକୁ ଅଜା ଜମି ଗୋବିନ୍ଦ ଭାଇ ଚିଅ ଉପରକୁ ଦଶକଡ଼ ଚଢ଼ିଗଲାଣି । ସମସ୍ତେ ସେହି ମାପରେ ବାସ୍ତୁ । କଥା କଥାକେ କହନ୍ତି 'ନଳ' ଆଗରେ ବଳ କାହାର ? ଏକଥା କହି ଆମ ଆମ ଭିତରେ ଝଗଡ଼ା ଲଗେଇ ନିଜର ଲାଭ ଉଠାଉଛନ୍ତି । ଆମେ କଚେରୀରେ ମାଲମକଦ୍ଦମା କରି ସର୍ବସ୍ୱାନ୍ତ ହେଉଛେ । ଲୋକଙ୍କର ଏହି ସବୁ ଅସୁବିଧା ହେବାରୁ ସରକାର ପୁରୁଣା ମାପ ବଦଳରେ ନୂଆ 'ମାପ' ଚଳେଇଲେ ।" ଗୋପାଳ ସରକାର କେଉଁ କାରଣରୁ ନୂଆମାପ' ଚଳେଇଲେ, ତାହା ବୁଝାଇବାକୁ ଯାଇଁ ଏକଥା କହିଲା ।

"ନାତିଟା ମୋର କେଡ଼େ ହୁସିଆର ହେଲାଣି । କେଇଟା ଦିନ ସହରରେ ରହି ଏତେକଥା ଶିଖିଗଲାଣି ।" ଅଜାଙ୍କର ମୁହଁରେ ସନ୍ତୋଷର ହସ ଫୁଟିଉଠିଲା ।

"ନାଁ ମ ଅଜା, ସତ କହୁଛି ଗାଁରେ ମୋତେ ଯେତେ ଭଲ ଲାଗେ, ସହରରେ ସେତେ ଭଲ ଲାଗେ ନାହିଁ ।

Digitized by srujanika@gmail.com

ଏବେ ଠିକ୍ କରିଛନ୍ତି ଏଣିକି ସହର ଛାଡ଼ି ଗାଁରେ ରହିବ ।
ଗାଁ ଆଡ଼େ ସରକାରଙ୍କ ଶୁଭ ଦୃଷ୍ଟି ପଡ଼ିଲାଣି । ସବୁ ଜିନିଷ

ସୁଲଭ ଦରରେ ଓ ସୁରୁଖୁରୁରେ ଏଣିକି ଗାଁରେ ମିଳିବ ।"

"କ'ଣ ସବୁ ନୂଆ କଥା ଗାଁ ପାଇଁ ହେଉଛି ଶୁଣେ ।"
ଅଜା ପଚାରିଲେ ।

"କ'ଣ ସବୁ ନ ହୋଇଛି ? କ'ଣ ଆଉ ସବୁ
ନହେବ ? ଗାଁରେ ଡାକ୍ତର ଖାନା, ପିଇବା ପାଣି ପାଇଁ

Digitized by srujanika@gmail.com

ନଳକୂଅ, ବିଜୁଳି ଆଲୁଅ, ପାଠପଢ଼ିବା ପାଇଁ ଇସ୍କୁଲଘର, ସଅଳ ସଅଳ ଚିଠିପତ୍ର ମିଳିବାପାଇଁ ଗାଁରେ ଡାକଘର ହୋଇଛି, ଏବେ ସବୁ ଗାଁରେ ସୁଲଭ ମୂଲ୍ୟର ଦୋକାନମାନ ଖୋଲା ହେଉଛି । ଆଉ ଖେଳକୁଦ ପାଇଁ କ୍ରୀଡ଼ା କେନ୍ଦ୍ର ପ୍ରଭୃତି ମଧ୍ୟ ତିଆରି କରାଯାଉଛି । ସବୁଠୁଁ ବଡ଼କଥା ହେଲା,



ଗାଁ ମାନଙ୍କୁ ସବୁଦିନିଆଁ ରାସ୍ତା । ସେ ସୁବିଧାଟି ନଥିଲା । କିନ୍ତୁ ଏବେତ ସବୁଦିନିଆଁ ରାସ୍ତା ପ୍ରତି ଗାଁକୁ ତିଆରି ହେଉଛି । ସକାଳୁ ଗଲେ ସହରରେ ବୁଲାବୁଲି କରି ସଉଦା ପତ୍ର କିଣି ପୁଣି ସଞ୍ଜବେଳକୁ ଆସି ଗାଁରେ ହାଜର ।

Digitized by srujanika@gmail.com

ହେଉଛି ଅଜା, ସବୁଠୁଁ ମଜା କଥାହେଉଛି ଏବେ ସରକାର ଗାଁକୁ ଗାଁ ଦୂର ଦର୍ଶନ ଯନ୍ତ୍ର (ଟି. ଭି. ସେଟ୍) ସବୁ ଦେବେ ବୋଲି ପ୍ରଚାର କରୁଛନ୍ତି । ଏକଥା ସତ ହୋଇଥିଲେ, ମୁଁ ସତ କହୁଛି ଅଜା ସହର ଛାଡ଼ି ଗାଁକୁ ଅନେକ ଲୋକ ପଳେଇ ଆସିବେ । ହେଲେ ଅଜା, ସରକାର ଆମର ଗାଁଲୋକଙ୍କ ପାଇଁ ଏତେକଥା କରୁଛନ୍ତି; କିନ୍ତୁ ଗାଁ ଲୋକେତ



ସେଗୁଡ଼ିକରୁ ଲାଭ ଉଠାଇ ପାରୁ ନାହାନ୍ତି । ତେଣୁ ଉପକାର ନପାଇ ସରକାରଙ୍କୁ ବୃଥାରେ ଦୋଷ ଦେଉଛନ୍ତି ।"

ମଝିରେ ଗଳା ସଫାକରି ଗୋବିନ୍ଦ ମଉସା କହିଲେ, ଦଦେଇ, ଗୋପାଳ କାଲିକା ପିଲା ହେଲେ କଅଣ ହେବ ସେ କଥାଟା ଠିକ୍ ବୁଝିଛି । ଆମରି ଲୋକ ଆମକୁ ଠକୁଛନ୍ତି ।

Digitized by srujanika@gmail.com

ଅଣ୍ଠାକୁରୀ ଛଣ୍ଡି କାଟୁଛି । ଆଉ ଆମେ କହିବୁ କାହାକୁ ?"

ଅଜା ପଚାରିଲେ, "କରେ ଗୋବିନ୍ଦ, କଥାଟା କ'ଣ ଫିଟେଇ କହୁନାହୁଁ ।"

"ଦଦେଇ, ଗଲା କାଲି ବୁଧବାର ଥିଲା । ତୁମ ପୁତୁରା ବୋହୂ କହିଲା, ଆଜି କୋଇଁ ଆସିବେ । କେଉଟ ସାହିରୁ ଯାଇଁ ମାଛ ଆଣନ୍ତୁ ନାହିଁ । ହଉ କହି ମୁଁ କେଉଟ ସାହିକି ଗଲି । ବାଟରେ ଦେଖିଲି କୀର୍ତ୍ତନ ମାଝି ଖାଲେଇରେ ମାଛଧରି ଆସୁଛି । ପଚାରିଲି, କୀର୍ତ୍ତନ ମାଛ ବିକିବାକୁ ନେଉଛୁ କି ? ସେ କହିଲା, ହଁ ମଉସା, ହାଟକୁ ମାଛ ବିକି ବାହାରିଛି । ମୁଁ ତା'ଠାରୁ ରୋହିମାଛ ସେରେ ସେର ଚଉଦ ଟଙ୍କା ହିସାବରେ କିଣିଲି । ସେ ତା'ର ବଣା କାଠିରେ ଓଜନ

କରି ମୋତେ ମାଛ ଦେଲା । ଘରେ ତୁମ ପୁତୁରା ବୋହୂ ମାଛ ଦେଖି କେତେ ମାଛ ଆଣିଛି ବୋଲି ପଚାରିଲା । ମୁଁ ସେରେ ମାଛ ଆଣିଛି ବୋଲି କହିଲି ! ତା ମନରେ

Digitized by srujanika@gmail.com

ସନ୍ଦେହ ହେଲା । ସେଥିପାଇଁ ଯାଇଁ ଆମ ଅପାଘରୁ ବଣାଆଣି ତଉଲ କଲା । ଦେଖିଲା, ସେରକରୁ ମାଛ ଚାରିପଲ କମ୍ । ସେଉଠୁ ସେ ରାଗରେ ଗର ଗର ହୋଇ କହିଲା ତୁମକୁ ଏ କୀର୍ତ୍ତନିଆ କେଉଁଠି ପିଲାଟା ଠକିଦେଲା ? ହାତକୁ ହାତ ଚାରିଟଙ୍କାର ମାଛ କମ୍ । ମୁଁ ସଙ୍ଗେ ସଙ୍ଗେ ମାଛକୁ ଧରି କୀର୍ତ୍ତନିଆ ଘରକୁ ଦଉଡ଼ିଲି । ହେଲେ କୀର୍ତ୍ତନିଆ ସେତେ ବେଳକୁ ହାଟକୁ ପଳେଇଲାଣି । ତା' ଘରେ ତା' ସ୍ତ୍ରୀକୁ ଏକଥା କହି ଆସିଲି । ଅଯଥା ଝଗଡା; ମନରେ ଅଶାନ୍ତି । ମାଛ ଖାଇବାରେ ବି ସୁଖ ରହିଲା ନାହିଁ ।

ଏତକ ଶୁଣି ଅଜାଙ୍କର ଆଖି ରାଗରେ ଲାଲ ହୋଇ ଉଠିବାର ଦେଖି ଗୋପାଳ କହିଲା, "ଅଜା, କୀର୍ତ୍ତନର ଦୋଷ ବା କ'ଣ ? କଥାରେ ଅଛି –

ଝିଣ୍ଟିକା ମାରି ବଣିପୋଷେ,
ଦଣ୍ଡି ମାରି କୁଟୁମ୍ବ ପୋଷେ ।

ସେଥିପାଇଁ ସରକାର ପୁରୁଣା କାଳିଆ ଦଣ୍ଡି ଆଉ ବଣାକୁ ଅଚଳ କରି ଏବେ ନୂଆ ଛକିତ ଓ ତରାଜୁ ଚଳେଇଲେ ଏବଂ ସେର ଜାଗାରେ କିଲୋଗ୍ରାମ ଚଳାଇଲେ । କେବଳ ସେତିକି ନୁହେଁ, ସେଗୁଡ଼ିକୁ ଯାଞ୍ଚ ପରୀକ୍ଷାକରି ଠିକ୍ ଅଛି ବୋଲି ମୋହର ଦିଆଉଛନ୍ତି । ମୋହର ଚିହ୍ନ ନଥିଲେ

Digitized by srujanika@gmail.com

ସେଗୁଡ଼ିକ ଜାଲ ବଟକରା । ତା'ର ସବୁ ଧରପଗଡ ପାଇଁ ମଧ୍ୟ ସରକାର ଠା'କୁ ଠା' ଓଜନ ମାପ ଇନ୍‌ସପେକ୍ଟର ମାନଙ୍କୁ ରଖିଛନ୍ତି । ଧରା ପଡ଼ିଲେ ଜେଲ ଆଉ ଜରିମାନା । କିନ୍ତୁ ତୁମେତ ନୂଆ ଓଜନ ଆଉ ତରାଜୁ ବ୍ୟବହାର କରୁନାହଁ । ତୁମେତ ବଣାକାଠି ଛାଡ଼ିବ ନାହିଁ; ଆଉ ଠକାମିରେ ପଡ଼ିବ ନାହିଁ ତ କିଏ ପଡ଼ିବ ।',

ଅଜା କହିଲେ, "ମୁଁ ଯାହା ଦେଖୁଛି, ନୂଆ ଓଜନ—ମାପ ଚଳେଇ ସରକାର କିଛି ଭୁଲ କରି ନାହାନ୍ତି; ତାହା ଆମର ଭଲପାଇଁ କରିଛନ୍ତି । ଅଥଚ ଆମେ ନବୁଝି ପାରି ସରକାରଙ୍କୁ ଏଥିପାଇଁ ଦୋଷ ଦେଉଛୁ । ଆଚ୍ଛା କହିଲୁ ନାତି 'କିଲୋ' ସାଙ୍ଗରେ କ'ଣ କ'ଣ ସବୁ ବ୍ୟବସ୍ଥା ଅଛି ?

"ଶୁଣ ଅଜା, ଶହ ଶହ ବର୍ଷ ହେଲା ଚଳି ଆସୁଥିବା ସେର, ତୋଳା ଓ ଭରି ପ୍ରଭୃତି ବଟକରା ଗୁଡ଼ିକୁ ସରକାର

Digitized by srujanika@gmail.com

ଅଚଳ କରି ଦେଇଛନ୍ତି । ସେର ମହଣ ଆଦି ଜାଗାରେ କିଲୋଗ୍ରାମ ଓ ଗ୍ରାମ ଆଦି ନୂଆ ଓଜନ ଚଳାଯାଇଛି ।

ଏଗୁଡ଼ିକ ହେଲା—୫୦ କିଲୋଗ୍ରାମ, ୨୦ କିଲୋଗ୍ରାମ ୧୦ କିଲୋଗ୍ରାମ, ୫ କିଲୋଗ୍ରାମ, ୨ କିଲୋଗ୍ରାମ, ୧ କିଲୋଗ୍ରାମ ପ୍ରଭୃତି । ସେହିପରି ୧ କିଲୋଗ୍ରାମର ଆହୁରି ଛୋଟ ଛୋଟ ବଟକରା ମଧ୍ୟ କରାଯାଇଛି ।



ସେଗୁଡ଼ିକ ହେଲା ୫୦୦ ଗ୍ରାମ, ୨୦୦ ଗ୍ରାମ, ୧୦୦ ଗ୍ରାମ, ୫୦ ଗ୍ରାମ ଇତ୍ୟାଦି । ସୁନା ରୁପା ଓ ମୂଲ୍ୟବାନ ଧାତୁ ଜିନିଷ ଗୁଡ଼ିକର ଓଜନ ପାଇଁ ପଚିଶ ଗ୍ରାମରୁ ଆହୁରି ଛୋଟ ଛୋଟ ବଟକରା ମାନ ଚଳାଯାଇଛି । ସେଗୁଡ଼ିକ ହେଲା, ୨୦ ଗ୍ରାମ ୧୦ ଗ୍ରାମ, ୫ ଗ୍ରାମ, ୨ ଗ୍ରାମ, ୧ ଗ୍ରାମ, ୫୦୦ ମିଲିଗ୍ରାମ ୨୦୦ ମିଲିଗ୍ରାମ, ୧୦୦ ମିଲିଗ୍ରାମ ଓ ୫୦ ମିଲିଗ୍ରାମଇତ୍ୟାଦି ।

Digitized by srujanika@gmail.com

ଏବେ ତୁମେ ଗୋଟିଏ କଥା ଲକ୍ଷ୍ୟ କରିପାରୁଥିବ । ସବୁ ବଟକରାର ମାନଗୁଡ଼ିକ ଦଶମ ସଂଖ୍ୟାରେ ରହିଛି । କେବଳ ସରଳ ହିସାବ ଓ ସହଜରେ ଜାଣି ପାରିବା ପାଇଁ ଏଗୁଡ଼ିକ ଚାଲୁ କରାଯାଇଛି । ଏହା ଫଳରେ ମୁହେଁ ମୁହେଁ ଚଟ୍‌କିନା ହିସାବ କରାଯାଇ ପାରିବ । ଆଉ ହିସାବରେ ବି ଭୁଲ ରହିବ ନାହିଁ ।"

ଅଜା ପଚାରିଲେ, "କିରେ ନାତି, ପାଣିଆ ଜିନିଷ ମାପିବା ପାଇଁ କି କି ନୂଆ ମାପର ବ୍ୟବସ୍ଥା ହୋଇଛି, ତାହାତ କହିଲ ନାହିଁ ।"





[ବିଭିନ୍ନ ଲିଟର ପାତ୍ରର ଚିତ୍ର

ଗୋପାଳ କହିଲା, "ଶୁଣ ଅଜା, ପାଣିଆ ଜିନିଷ କାରବାର ପାଇଁ ୨୦ ଲିଟର, ୧୦ ଲିଟର, ୫ ଲିଟର, ୨ ଲିଟର, ୧ ଲିଟର ଓ ତହିଁରୁ ଛୋଟ ମାପ ଯଥା—୫୦୦ ମିଲି ଲିଟର, ୨୦୦ ମିଲି ଲିଟର, ୧୦୦ ମିଲିଲିଟର, ୫୦ ମିଲି ଲିଟର ୨୦ ମିଲି ଲିଟର ଇତ୍ୟାଦି ଚାଲୁ କରାଯାଇଛି ।

Digitized by srujanika@gmail.com

ଆଉ 'ପଳା' ମାପ ନାହିଁ । ଠିକ୍ ସେମିତ ଗଜ ବାଡ଼ି ଫୁଟ ଇଞ୍ଚ ମାପ ବଦଳରେ ଏକ 'ମିଟର' ମାପ ଚାଲୁ



[ତ୍ରକେଟେଲ ଲିଟରେ ପାତ୍ରର ଚିତ୍ର

କରାଯାଇଛି । ଏଥିରେ ୧ ମିଟର' ବାଡ଼ି ଓ ୫୦୦ ସେଣ୍ଟିମିଟର ମାପ ଚାଲୁ କରାଯାଇଛି । ଅଧିକ ଲମ୍ବ ଜିନିଷ



ମାପ କରିବା ପାଇଁ ମିଟର ଫିତା ମାପ ବଜାରରେ ମଧ୍ୟ ମିଳୁଛି । ଜମି ବାଡ଼ି ମାପିବା ପାଇଁ 'ଜରିବ' ଓ 'ଲଠା' ମାପ

Digitized by srujanika@gmail.com

ବଦଳରେ ଏଣିକି ସର୍ବେ ମିଟର ଚେନ୍ ମାପ ଓ ମିଟର ଫିତା ମାପ ଚାଲୁ ହୋଇଛି ।

"ଆରେ ନାତି, ଏତ ଗଳ୍ପ ନୂଆ ବଟକରା, କିଲୋଗ୍ରାମ ଲିଟର ଓ ମିଟର ମାପ କଥା ! ତେବେ ଏଗୁଡ଼ିକ କ'ଣ ଆମ ପୁରୁଣା କାଳିଆ ମାପ, ଓଜନ ଓ ତଉଲ ପରି ଘୋର ହୋଇଯିବ ନାହିଁ, ନା ଖରାପ ହେବ ନାହିଁ ? କିଛି ଦିନ ଚାଲିଲେତ ଏଗୁଡ଼ିକ ପୁଣି ଘୋର ହୋଇ ଯାଇ ବେଠିକ ହୋଇଯିବ । ପୁଣି ଯେଉଁ ଠକାମି କି ସେହି ଠକାମି ।" ଅଜାଙ୍କ ମନରେ ସନ୍ଦେହ ଆସିବାରୁ ପଚାରିଲେ ।

"ହେଉ ଅଜା, କଥାଟା ପୁରାପୁରି ତୁମେ ଶୁଣିସାର, ତାପରେ ଯାଇଁ ଟୀକା ଟିପ୍‌ପଣୀ ଦେବ । ସରକାର କ'ଣ ଆମ ତୁମ ପରି ବୋକା କି ? ନୂଆ ଓଜନ ମାପ ଓ ତଉଳ

Digitized by srujanika@gmail.com

ଆଉ ନକିଶ ଏସବୁ ତିଆରି ହେବାବେଳେ କାରଖାନାରେ ସରକାରଙ୍କ ଓଜନ-ମାପ ବିଭାଗ ତରଫରୁ ଯାଞ୍ଚ ପରୀକ୍ଷା କରାଯାଇ ସେଗୁଡ଼ିକରେ ମୋହର ଦିଆ ଯାଉଛି । ତାପରେ ସେଗୁଡ଼ିକୁ ବଜାରରେ ବିକ୍ରି କରିବା ପାଇଁ ବଜାରକୁ ଛଡ଼ା ଯାଉଛି ।

ହେଉଛି ଅଜା, ଯେ କେହି ଲୋକ କିମ୍ବା ଦୋକାନୀ ସେଗୁଡ଼ିକୁ ବିକ୍ରି କରି ପାରିବେ ନାହିଁ । ସେଥିପାଇଁ ଲାଇସେନ୍ସ ନେଇ ଦୋକାନୀମାନେ ସେଗୁଡ଼ିକୁ ବିକ୍ରି କରୁଛନ୍ତି । ହାଟ ବଜାରରେ ହେଉ ବା ଦୋକାନରେ ହେଉ ସେଗୁଡ଼ିକ କିଛି ଦିନ କାରବାର ହେଲେ, ନିଶ୍ଚୟ ମଇଳା ଲାଗିବ, କଳଙ୍କି ଲାଗିବ, ଓ ଖରା, କାକର, ପାଣି ଲାଗି ଓଜନରେ କମ୍ ବେଶୀ ହେବ । ତରାଜୁ ଗୁଡ଼ିକ ମଧ୍ୟ ସେହିପରି କିଛିଦିନ କାରବାର ହେଲେ ଖରାପ ହେବାରୁ ତଉଲରେ କମ୍ ବେଶୀ ହେବ । ତାକୁ ସବୁ ଠିକ୍ କରିବା

Digitized by srujanika@gmail.com

ପାଇଁ ବର୍ଷକୁ ବର୍ଷ ସେଗୁଡ଼ିକର ଯାଞ୍ଚ ପାଇଁ ବ୍ୟବସ୍ଥା ଅଛି ଓ ଆଇନ ମଧ୍ୟ ହୋଇଛି । ସରକାର ଓଜନ-ମାପ ବିଭାଗ କରିଅଛନ୍ତି ସେ ସବୁର ଯାଞ୍ଚ ଲାଗି ଜାଗାକୁ ଜାଗା ପରୀକ୍ଷା କେନ୍ଦ୍ରମାନ ଖୋଲିଛନ୍ତି । ସେଠି ସବୁ ନାନାଦି ରକମର ଯନ୍ତ୍ରପାତି ରଖାଯାଇ, ଓଜନ, ମାପ ତରାଜୁ ଓ ନିକିତି ଗୁଡ଼ିକର ପରୀକ୍ଷା ହେଉଛି । କମ୍ ବେଶୀ ଥିଲେ ଠିକ କରିହୋଇ ପୁଣି ମୋହର ଦିଆଯାଉଛି ।" ଗୋପାଳ ସମସ୍ତେ ବୁଝି ପାରି ବାଉଳି କହିଲା ।

ଏତିକିବେଳେ ଗୋବିନ୍ଦ କହି ଉଠିଲା । "ହଁ ଦଦେଇ, ଆମ ଗାଁରେ କାଲି ଢେଣ୍ଡୁରା ଦିଆଯାଉଥିଲା । ଓଜନ ମାପ ବାବୁ କିଏ ଜଣେ କନ୍ଦର ହାଟରେ କ୍ୟାମ୍ପ ପକାଇଛନ୍ତି । ଯେଉଁମାନେ କିଲୋଗ୍ରାମ ସାଜ, ତରାଜୁ, ଲିଟର ଓ ମିଟର ଆଦି ରଖିଛନ୍ତି ସେମାନେ ହାଟରେ ଥିବା କ୍ୟାମ୍ପରୁ ମୋହର କରେଇ ଆଣିବେ ବୋଲି ତାଗିଦ କରି ଢେଣ୍ଡୁରା ଦିଆଯାଇଛି ।"

"ସତେ କି ? ଏତ ବଡ଼ ବଢ଼ିଆ କଥା । ଏତେ-ବେଳେକେ କଥାଟା ଭଲ ଭାବରେ ବୁଝିଲି । ବର୍ଷକୁ ବର୍ଷ ଏଗୁଡ଼ିକର ଯାଞ୍ଚ ହୋଇ ମରାମତି କରାହୁଏ ଓ ମୋହର

Digitized by srujanika@gmail.com

ଢ଼ଆଯାଏ । ତେଣୁ ଭୁଲ ହେବାର ଆଉ ବାଟନାହିଁ । ବେପାରୀମାନେ ଆଉ ଖାଉଟୀ ମାନଙ୍କୁ ଠକିବା ସମ୍ଭବ ହେବ ନାହିଁ ।

ଅଜା କଥାଟା କହୁ କହୁ ନଟିଆ ଉପରେ ତାଙ୍କର ଆଖି ପଡ଼ିଗଲା । ସେ ଦେଖିଲେ ନଟିଆ ବସି ଢୁଲାଉଛି । ସେ ରାଗରେ ଗରଜିଉଠି କହିଲେ, କିରେ ନଟିଆ, ଶୁଣୁଛତ, ତୋର ସାଙ୍ଗପିଲା ଗୋପାଳ ସହରକୁ ଯାଇ କେତେ କଥା ଶିଖି ଆମକୁ ଏବେ ଶିଖାଉଛି । ଆଉ ତୁ ଆମ କେନ୍ଦ୍ରରେ ଆସି ଢୁଲାଉଛୁ ?"

"ନାଇଁ ମ ଅଜା, ମୁଁ ସବୁ ଶୁଣୁଛି; ଆଉ ସବୁ ଜାଣିଛି ମଧ୍ୟ ।"

"କ'ଣ ଜାଣିଛୁ କହିଲୁ ?"

ନଟିଆ କହିଲା, ଅଜା, ମୁଁ କାଲି ମଲ୍ଲୀ ଅପାସାଙ୍ଗରେ ଖିରସ୍ଥାନ ପଡ଼ାକୁ ଯାଇଥିଲି । ଜନମଉସାଙ୍କ ଦୋକାନକୁ ।"

Digitized by srujanika@gmail.com

ଅଜା କଥା ମଝିରେ କହି ଉଠିଲେ, "ଆରେ ଜନଓ୍ୱାକର ଆଜିକାଲି କ'ଣ ଗୋଟେ ବଡ଼ ଗହଣା ଦୋକାନ ଖୋଲିଛି ପରା ?

"ହଁ ଅଜା, ତାଙ୍କ ଦୋକାନରେ ସୁନା, ରୂପା, ଓ ଜର୍ମାନୀ ସିଲଭରର କିସମ କିସମ୍ ଗହଣା ଭରତି ହୋଇଛି । ମଲ୍ଲୀ ଅପା ଝିଅ ବାହାଘର ପାଇଁ ଗହଣା ଫରାଦ ଦେବାକୁ ଯାଇଥିଲି । ଜନ ଦାଦାକୁ କହିଲି ବେକକୁ ଭରିଏ ଚାରି ଅଣାର ହାର ଆଉ କାନକୁ କାନପେଣ୍ତି ଫୁଲ ପାଞ୍ଚ ଅଣା ଓଜନର କରିଦେବାପାଇଁ । ବଦଳ ଦେବାପାଇଁ ସେ କିଛି ପୁରୁଣା ଗହଣା ବି ନେଇକି ଯାଇଥିଲି । କିନ୍ତୁ ଜନ ଦାଦା ମଲ୍ଲୀ ଅପା କଥା ଶୁଣି ତ ଚହଁକି ଉଠିଲି । ସେ କହିଲେ ଝିଅ, ଆଉ ସେ ଭରି ଆଉ ଅଣା କଥା ତୁଣ୍ଡରେ ଧରନାହିଁ । ମାପ-ଓଜନ ବାବୁ

Digitized by srujanika@gmail.com

ଆମ ଦୋକାନକୁ ଆସି ଥିଲେ । ଦୋକାନରେ ଥିବା ପୁରୁଣା ନକତ, ଚଉରଣି, ଆଠଣି ଓ ତୋଳା ଓଜନ ଓ



ଗୁଞ୍ଜଫଳ ସମେତ ସବୁଗୁଡ଼ାକ ନେଇଗଲେ । କ'ଣ କେଶ୍ କରିବେ ବୋଲି କାଗଜ ଦେଇ ଯାଇଛନ୍ତି । ଦେଖୁ ନାହୁଁ ନୂଆ ବଟକରା ଆଉ ନୂଆ ନକତ ଆଣିଛୁ । ଆମେ ସିନା ବୁଝି ନଥିଲୁ, ହେଲେ ଏଥିରେ ତଉଲ କରିବା ଆଉ ହିସାବ କରିବା ବଡ଼ ସହଜ । ଖାଲି ବାପ ଅଜା ଅମଳର ନକତକୁ କାବୁଡ଼ି ଧରି ଆମେ ହନ୍ତସନ୍ତ ହେଉଥିଲୁ ସିନା ।

ଗୁଞ୍ଜଫଳଠାରୁ ଆଉ ଯେ କ'ଣ ଛୋଟ ଓଜନ ଥାଇପାରେ, ଏକଥା ମଲ୍ଲୀ ଅପା ଜନ ଦାଦାଙ୍କୁ ପଚାରିଲା । ଜନ ଦାଦା କହିଲେ, ଗୁଞ୍ଜ ଫଳକୁ କୋଡ଼ିଏ ଟୁକୁରା କଲେ ମଧ୍ୟ ତାହାଠାରୁ ଆହୁରି କମ୍ ଓଜନ ଏହି ନୂଆ

Digitized by srujanika@gmail.com

ମାପ ଓଜନରେ ଅଛି । ତାହାକୁ ସେ ମିଲିଗ୍ରାମ ଓଜନ ବୋଲି କହିଲେ । ତେଣୁ ଛୋଟ ଛୋଟ ଜିନିଷ ଓଜନ କରିବାରେ ଏଥିରେ ବେଶୀ ସୁବିଧା ହେବ ବୋଲି ଜନି ଦାଦା ଅପାକୁ ବୁଝେଇ ଦେଲେ ।

ନୂଆ ନକିତ ଆଉ ନୂଆ ଓଜନର ଛୋଟ ଛୋଟ ବଟକରା ଓ ମିଲିଗ୍ରାମ୍ ଗୁଡ଼ିକୁ ଦେଖି ଆମ ଆଖି ଖୋସି ହୋଇଗଲା । ମୁଁ ସବୁ ଭଲ ଭାବରେ ବୁଝିଗଲି । ଅପା ନେଇଥିବା ପୁରୁଣା ସୁନା ଓଜନଙ୍କର ଜନି ଦାଦା କହିଲେ, ଦଶ ଗ୍ରାମ ଆଉ ସାତ ମିଲିଗ୍ରାମ ହେଲା । ନୂଆ ହାର ଓ କାନଫୁଲ ମିଶି ଅଠର ଗ୍ରାମ ଓଜନ ହେଲା । ପାଞ୍ଚ ମିନିଟରେ ହିସାବ ଖତମ । ମଲ୍ଲୀ ଅପା ଟଙ୍କା ଦେଇ ଜିନିଷ ଆଣିଲା ।"

ଅଜାଡ ନଟିଆ ମୁହକୁ ବଲ ବଲ କରି ଚାହିଁଛନ୍ତି । "କ'ଣ ହେଲା ! ଆମକୁ ଆଗେ ଏତକ ସୁନା ଗହଣା କଣା ଭକା କରିବା ପାଇଁ ଦିନେ ଦୁଇଦିନ ସମୟ ଲାଗୁଥିଲା । ଏବେ ପାଞ୍ଚ ଦଶ ମିନିଟରେ ହିସାବ ସଫା ।

Digitized by srujanika@gmail.com

କି ହେଲାରେ ଯୁଗ ! ସତରେ ସରକାର କେତେ ସୁବିଧା ନକରି ଦେଲେ ! କିରେ, ସୁନା, ରୁପାର ଗହଣା ହିସାବ ପାଇଁ ଆମ ଅବଧାନଙ୍କ ଖଡ଼ି ଘୋରି ଯାଉଥିଲାଟି । ତେବେ ବି ଆମ ମନ ବୁଝୁ ନଥିଲା କି ସୁନାରିର ମନ ବୁଝୁ ନଥିଲା । ମୁଁ ଶୁଣିଥିଲି ନଷ୍ଟ ଆମର କିଛି ଜାଣିନାହିଁ ବୋଲି । ସେତ ଏତେ କଥା ଦେଖିଛୁ । କିରେ ଟୋକା ମୋତେତ ଏକଥା ଆଗରୁ କାହିଁକି । କହିଲୁ ନାହିଁ ଅଜା ଆଶ୍ଚର୍ଯ୍ୟରେ ଏତକ ନଟିଆକୁ ପଚାରିଲେ ।

ମଝିରେ କଥା କାଟି ମଦନ ସାହୁ କହି ପକାଇଲେ, "ଦଦେଇ, ମୁଁ ମିର୍ଜାପୁର ଯାଇଥିଲି ।

ଅଜା ପଚାରିଲେ, କିରେ କ'ଣ ହାକିମଙ୍କ ଘରକୁ ଯାଇଥିଲୁ କି ?"

ଗୋଆଲ ପଚାରିଲା । "ଅଜା, ହାକିମ କିଏ ?"

"ଆରେ ଆମ ୟାକୁବ ଖାଁକୁ ଜାଣିନାହୁଁ ? ତାଙ୍କର ସାତ ପୁରୁଷରୁ କବିରାଜ ବେଉସା । ଏ ଅଞ୍ଚଳରେ ସେ ଜଣେ ନାମଜାଦା ବଇଦ । ଏବେସିନା କବିରାଜ ଔଷଦକୁ

Digitized by srujanika@gmail.com

ଲୋକେ ପସନ୍ଦ କରୁନାହାନ୍ତି; ହେଲେ, ଦିନଥିଲା ସ୍ଥାକୁବଙ୍କ ବାପା ମଧୁପୁର ଗଡ଼ର ରାଜ ବଇଦ ଥିଲେ । ଆଚ୍ଛା ମଦନ, କାହାର କ'ଣ ଦେହ ଖରାପ ହୋଇଛି କି ?"



"ବନେଇ, ତୁମେତ ଜାଣିଛ, ମୋ ବୋଉର ସବୁ ଦିନେ ଧଇଁ କାଶ । ବୁଢ଼ୀ ହେଲାଣି । ଏ କେଇ ଦିନ ହେଲା କାଶଟା ବୁଢ଼ୀକୁ ଜବତ କରି ପକାଇଛି । ମୋଦକ କରିବା ପାଇଁ ହକିମ ଗ୍ରୀତ୍ତ କହିଥିଲେ । ଜିନିଷ ତାଲିକା ଦେଲେ । ମୁଁ ସେ ତାଲିକା ଦେଖି କିଛିତ ବୁଝିପାରିଲି

Digitized by srujanika@gmail.com

ନାହିଁ । ପଚ୍ଚିଶ ଗ୍ରନ୍ଥ ଏସବୁ କି ହିସାବ ଲେଖିଛ ?
ମୋ କଥା ଶୁଣି ସେ କହିଲେ ।

ମଦନ ବେଟା, ଆଉ ସେକାଳ ପଖାଳ ନାହିଁ । ଏବେ ନୂଆ ଓଜନର ହିସାବ । ଆଉ ତୋଳାକ ଭରି ହିସାବ ନାହିଁ । ଏବେ ମୋଦକ ପୁଡ଼ିଆ ଉପରେ ଔଷଧର ଓଜନ କେତେ ଓ ଦାମ୍ କେତେ ସେ କଥା ମଧ୍ୟ ଲେଖା ହେଉଛି । ଚେରମୂଳ ଔଷଧ ତୁ ବନା ଓଜନରେ ଆଣିବୁ ନାହିଁକି ତୋଳା ଓଜନରେ ଆଣିବୁ ନାହିଁ । ସବୁ ନୂଆ ହିସାବ ।

ଅଜା କହିଲେ, "ବୁଝିଲରେ ମଦନ । କେଉଁ ଯୁଗରୁ କବିରାଜଙ୍କ ଘରେ ସେହି ନିକିତି ଆଉ ପିତଳ ଡିଆରି ତୋଳା ଓଜନରେ ଓଜନ କରି ଆମକୁ ଔଷଧ ଦେଉଥିଲେ । ଓଜନରେ କମ ଆଉ ଭଉଲରେ ବି କମ୍ । ଔଷଧ କାଟତି କରିବ କିମିତି ?

ଏବେ କିନ୍ତୁ ଠିକ ହେଲା ।"

Digitized by srujanika@gmail.com

ଗୋପାଳ କହିଲା ଅଜା, ରୋଗୀମାନଙ୍କ ପାଇଁ ମଧ୍ୟ ଏ ନୂଆ ବଟକରା ମାପ ଭଲ କାମରେ ଲାଗୁଛି ।"

ଅଜା କହିଲେ, "ଗୋପାଳ, ସବୁତ ଶୁଣିଲି । ଏ ଗାଁ ଗହଳର ଗୃହିଣୀଙ୍କ ପାଇଁ ତ ସୁବିଧା ହେଲା । ହେଲେ, ଏ ନୂଆ ମାପରେ ଆମର ଏ ମୂଲିଆଙ୍କର କ'ଣ ଉପକାର ହୋଇଛି ? ଯେମିତ ଆମ କେନ୍ଦ୍ରର ମୁରଲୀଆ । ସେତ ସକାଳୁ ଉଠି କାହାର ମୂଲ ନ ଲଗିଲେ ତା'ପେଟ ଅପୋଷା । ଖାଲି ତା'ର ନୁହେଁ, ତା ବେକରେ ବନ୍ଧା ପାଞ୍ଚ ପରାଣୀଙ୍କ ପେଟ ମଧ୍ୟ ଅପୋଷା ରହିବ । ତା'ର କ'ଣ ସୁବିଧା ହୋଇଛି ? ଟିକିଏ କହିଲୁ ଦେଖି ? ଅଜା ହାଇମାରି କହିଲେ ।

"ଅଜା, ଏତେକଥା ଶୁଣିଲା ପରେ ମଧ୍ୟ ତୁମେ ବୁଝି ପାରିଲ ନାହିଁ ? କହୋ ! ମୁରଲୀ ଭାଇ କ'ଣ ଏଣିକି ମୂଲ ଲାଗି ମଜୁରି ବାବଦକୁ ଚାଉଳ କି ଧାନ ଆଉ ସେର କି ଗଉଣୀ ମାପରେ ମୂଲ ନେବ ? ନାହିଁ ନାହିଁ, ସେ ସବୁ ବନ୍ଦ । ଏଣିକି ସେ କିଲୋ ସାଜ ପକେଇ ନୂଆ ତରାଜୁରେ ଓଜନ କରି ଚାଉଳ ହେଉ ବା ଧାନ ହେଉ ମଜୁରୀ ନେବ ।

Digitized by srujanika@gmail.com

ନଚେତ୍ ଅଜା, ଆମେ ଯେଉଁ ତମିରେ ସେହି ତମିରେ । ସେର କ ଗଉଣୀରେ ମୂଲ ଆଣି ଦଶଟଙ୍କା ମଜୁରୀ ବଦଳରେ କ'ଣ ଆଠ ଟଙ୍କାର ଚାଉଳ କ ଧାନ ଆଣିବ ? ସେଥିପାଇଁ କହୁଛି ଭୃତିଆ—ମୂଲ, ଏଣିକ ହେଲାଣି ସବୁ ତଉଲ । କଥାରେ ଅଛି --

ପାଣି ପିଇବ ଛାଣି,
ପଇସା ନେବ ଗଣି ।

ସେଇମିତି ଭୃତିଆ ହେଉ କ ଦିନ ମଜୁରୀ ହେଉ, ଆଉ ମାପରେ ନୁହେଁ । ଏଣିକି ତଉଲ କରି ନିଅ ।

ଅଜା କଥାଟା ଶୁଣି ମନେ ମନେ ଖୁସି ହୋଇ କହି ପକାଇଲେ, "ବାଃ କେଡ଼େ କେଡ଼େ ଜଟିଳ କଥା ଗୁଡ଼ାକୁ ଏ ନୂଆ ମାପ-ଓଜନ ସମାଧାନ କରି ପକାଇଲା ହେ । ସବୁ କଥା ବଡ଼ ସରଳ ହୋଇଗଲା ।"

ଗୋପାଳ କହିଲା, ଖାଲି ସେତିକି ନୁହଁ ଅଜା, ଏଣିକି ଯେତେ ସବୁ ଜିନିଷ ପୁଡ଼ିଆରେ ହେଉ, ପାକେଟରେ

Digitized by srujanika@gmail.com

ହେଉ କିମ୍ବା ମାପ ପାଣିଆ ଜିନିଷ ହେଲେ, ବୋତଲରେ ଆସୁଛି ସବୁଥିର ଉପରେ ତାହାଁରେ କେତେ ଜିନିଷ ଅଛି ଓଜନରେ ହେଉ କି ମାପରେ ହେଉ ତାହା ଲେଖା ରହୁଛି ।

କେଉଁ ଦିନ କି କେଉଁ ମାସରେ ସେ ଜିନିଷ ତିଆରି ହୋଇଥିଲା, ତାହାର ତାରିଖ ମଧ୍ୟ ଲେଖା ରହୁଛି ।

ଆଉ କ'ଣ ଜାଣିଛ ? ପୁଡ଼ିଆର ଦାମ୍ କେତେ ଏବଂ ସେଥି ଉପରେ ଟିକସ ଦର କେତେ ତାହା ମଧ୍ୟ ଲେଖା ରହୁଛି । ଧର ଆମେ ଔଷଧ ଶିଶିଟାଏ କିଣିଲେ, ସେଥିରେ କେତେ ଔଷଧ ଅଛି, କେତେ ଦାମ୍ ଆଉ କେଉଁ ମାସରେ ତାହା ତିଆରି ହୋଇଥିଲା, ସେସବୁ କଥା ଲେଖା ହୋଇଛି । ଯେଉଁ ଦାମ୍ ଲେଖା ହୋଇଛି, ତାଠୁଁ ଅଧିକା ନେଲେ ମାପ ଓଜନ ଆଇନ ବଳରେ ଦୋକାନୀକୁ ଦଣ୍ଡ ଦିଆଯାଉଛି ।

ସରକାର ଏ ଆଇନକୁ 'ପାକେଜ ଦ୍ରବ୍ୟ ନିୟମ' ଭାବେ ଉଣେଇଶ ଶହ ସତ୍ତୋସ୍ତରୀ ମସିହାରୁ ଚାଲୁ କଲେଣି । କାହାପାଇଁ ଏସବୁ ସୁବିଧା ? ଖାଲି ଆମରି

ଖାଉଟୀ ଭାଇମାନଙ୍କ ପାଇଁ ସିନା ! 'ହେଲେ, ଆମେ ପାଠ ନ ପଢ଼ିଲେ, ପୁଡ଼ିଆ ଉପରେ ବା ଶିଶି ଉପରେ କ'ଣ ସବୁ

ଲେଖା ହୋଇଛି, ଜାଣିବା କିପରି ? ପାଠ ନ ପଢ଼ିଲେ ଆମେ ଏସବୁ ମରମ କଥା ଜାଣି ପାରିବା ନାହିଁ । ସରକାରଙ୍କ ଏତେ ଚେଷ୍ଟା ସବୁ ବିଫଳ ହୋଇଯିବ । ଅଜା, ତୁମ ପୌଢ଼ ଶିକ୍ଷା କେନ୍ଦ୍ରକୁ ମାତ୍ର ଦଶ କି ବାରଜଣ ଆସି ପାଠ ପଢ଼ିଲେ କ'ଣ ବା ହେବ । ଗାଁରେ ତ ଆଉ ଅନେକ ଅପାଠୁଆ ଲୋକ ଅଛନ୍ତି । ତୁମେ ସମସ୍ତଙ୍କୁ ଡାକ ।"

"ହଁରେ ନାତି, ତୁ ତ ଆମ କେନ୍ଦ୍ରକୁ ଆସି ଆମ ଆଖି ଖୋଲି ଦେଲୁ । ଦେଖିବୁ, ଆରଥରକୁ ଆସିଲେ, ଆମ କେନ୍ଦ୍ରକୁ କେତେ ଲୋକ ଆସିଥିବେ ।"

Digitized by srujanika@gmail.com

ଗୋପାଳ କହିଲା, "ହଉ ଅଜା, କେନ୍ଦ୍ରକୁ ବେଣି ଲୋକ ଆଣ । ଆଉଥରକୁ ଆସିଲେ ସରକାରଙ୍କ ସୁଲଭମୂଲ୍ୟ ଦୋକାନ ଜରିଆରେ ଗାଁ ଲୋକେ କିମିତି ଉପକାର ପାଉଛନ୍ତି ଓ ପାଇବେ ସେ କଥା କହିବି । ଆଜି ରାତି ବେଶି ହୋଇଗଲାଣି, ଭୋକ ବି ଲାଗିଲାଣି । ଯାଉଛି ! ନମସ୍କାର ।"

ଏହାକହି ଗୋପାଳ ସଭିଙ୍କଠାରୁ ବିଦାୟ ମାଗି ଗଲା । ଅଜା ଗୋବିନ୍ଦକୁ ପଢ଼ା କୋଠରୀ ଘର ବନ୍ଦ କରିବାକୁ କହି ବାଙ୍କୁଲି ବାଡ଼ି ଧରି ଘରକୁ ଚାଲିଲେ । କେନ୍ଦ୍ରର ଅନ୍ୟମାନେ ବୈଠକ ଭାଙ୍ଗିବାରୁ ନିଜ ନିଜ ଘରକୁ ଗଲେ ।

Digitized by srujanika@gmail.com